**ତହସିଲଦାରଙ୍କ କାର୍ଯ୍ୟାଳୟ, ବେଲଗୁଣ୍ଠା, ଗଞ୍ଜାମ**

**OFFICE OF THE TAHASILDAR, BELLAGUNTHA, GANJAM**

Email - tah_bellaguntha@yahoo.in
tah.belg-od@nic.in
Ph - 06821-258112


ପତ୍ର ସଂ ୩୪୨ / ତାରିଖ ୦୩.୦୨.୨୦୨୪

# ସର୍ବସାଧାରଣ ବିଜ୍ଞାପନ

ଏତଦ୍ୱାରା ତନରଡା ମୌଜାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ତନରଡା ମୌଜାର ସରକାରୀ ଜମିକୁ ଓଡିଶା ସରକାରଙ୍କ ଆଇନ ବିଭାଗକୁ ବେଲଗୁଣ୍ଠା ବିଚାର ବିଭାଗ କୋଠା ଓ ବାସଗୃହ ନିର୍ମାଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ଜମି ରକ୍ଷିତ ଗୋଚର କିସମ ରେକର୍ଡ ଥିବା ଯୋଗୁଁ ଉକ୍ତ ଜମିର କିସମ କୁ ଆବାଦ ଯୋଗ୍ୟ ଅନାବାଦୀ ପତିତ କିସମ କୁ ପରିବର୍ତ୍ତନ କରାଯିବ ।

## ଜମିର ତଫସିଲ

| ମୌଜା | ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ ପରିବର୍ତ୍ତନ କିସମ |
|---|---|---|---|---|---|---|
| ତନରଡା | ୯୧୩ | ୨୨୩୨ | ୧୧.୭୭୫ | ୧.୦୦୦ | ରକ୍ଷିତ ପତିତ | ଆବାଦ ଯୋଗ୍ୟ ଅନାବାଦୀ ପତିତ |

ଓଡିଶା ସର୍ଭେ ଓ ବନ୍ଦୋବସ୍ତ ନିୟମ ଅନୁଯାୟୀ ଉପରୋକ୍ତ ଗୋଚର ଜମିକୁ ପୁନଃ ଆରକ୍ଷଣ କରିବା ପାଇଁ ଗୋଚର ଜମି ପରିବର୍ତ୍ତେ ନିମ୍ନକ୍ତ ପତିତ ଜମିକୁ ଗୋଚର ପାଇଁ ବଦଳ ଜମି ଭାବେ ଗ୍ରହଣ କରାଯିବ

## ଜମିର ତଫସିଲ

| ମୌଜା | ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ ପରିବର୍ତ୍ତନ କିସମ |
|---|---|---|---|---|---|---|
| ତନରଡା | ୯୧୩ | ୨୨୩୭ | ୧.୨୫୦ | ୧.୦୦୦ | ରକ୍ଷିତ ପତିତ | ରକ୍ଷିତ ଗୋଚର |

ଏଉପରୋକ୍ତ ବନ୍ଦୋବସ୍ତ ସମ୍ବନ୍ଧେ କିସମ ପରିବର୍ତ୍ତନ ଓ ପୁନଃ ଆରକ୍ଷଣ (ଗୋଚର) ପ୍ରସ୍ତାବରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର ଆପତ୍ତି, ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଭାବରେ ପ୍ରଦାନ କରିବେ । ଧାର୍ଯ୍ୟ ସମୟ ପରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ସରକାରଙ୍କର ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୦୩/୨/୨୪

ତହସିଲଦାର, ବେଲଗୁଣ୍ଠା

**ପରିପତ୍ର ସଂ. ...୩୪୩... / ତାରିଖ ...୦୩.୦୨.୨୦୨୪**

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଲଟକାଇବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ବେଲଗୁଣ୍ଠାଙ୍କ ନିକଟକୁ ପ୍ରେରଣ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଧେଣ୍ଡୁରା ଦ୍ୱାରା ପ୍ରଚାର କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏହାର ଏକକିତା ନକଲ କାର୍ଯ୍ୟନିର୍ବାହୀ ଅଧିକାରୀ, ତନରଡା ଗ୍ରାମପଞ୍ଚାୟତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩/୨/୨୪

**ତହସିଲଦାର, ବେଲଗୁଣ୍ଠା**

**ପରିପତ୍ର ସଂ. ...୩୪୪... / ତାରିଖ ...୦୩.୦୨.୨୦୨୪**

ଏହାର ଏକକିତା ନକଲ ଜିଲ୍ଲା, ସୂଚନା ବିଜ୍ଞାନ ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ ଅବଗତି ନିମନ୍ତେ ଏବଂ ଉକ୍ତ ବିଜ୍ଞାପନକୁ ଜିଲ୍ଲା ରାଷ୍ଟ୍ରିୟ ସୂଚନା ବିଜ୍ଞାନ ୱେବ୍ ସାଇଟ୍ ରେ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

୩/୨/୨୪

**ତହସିଲଦାର, ବେଲଗୁଣ୍ଠା**